# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ସର୍ବସମ୍ମତିକ୍ରମେ ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ

— ଆସନ୍ତା ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ଶ୍ରୀ ମୋଦୀ

- ମୁଦ୍ରାନୀତି ସମୀକ୍ଷା ପରେ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ
- ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ୧୨ ତାରିଖରୁ ବନ୍ଦ ରହିବ ଶିମିଳିପାଳ ଜାତୀୟ ଅଭୟାରଣ୍ୟ
- ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତରେ ୪ ଜଣଙ୍କ ମୃତ୍ୟୁ ଅଭିଯୋଗ

ଏବଂ

- ରାଜ୍ୟର କେତେକ ସ୍ଥାନରେ ଆଉ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ରର ଅନୁମାନ

— ଘଡଘଡ଼ି ସହ ବର୍ଷା ହେବା ନେଇ ୧୯ଟି ଜିଲ୍ଲାକୁ ସତର୍କ ସୂଚନା

# ଏନ୍‌ଡିଏ ନେତା ନରେନ୍ଦ୍ର ମୋଦୀ

ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଏନ୍‌ଡିଏ ସଂସଦୀୟ ଦଳ ନେତା ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସଂସଦର କେନ୍ଦ୍ରୀୟ ହଲ୍‌ରେ ଆଜି ଏନଡିଏ ବୈଠକରେ ନରେନ୍ଦ୍ର ମୋଦୀଙ୍କୁ ନବ ନିର୍ବାଚିତ ସାଂସଦମାନେ ନେତା ରୂପେ ବାଛିଛନ୍ତି। ବୈଠକରେ ମୋଦୀଙ୍କୁ ଏନ୍‌ଡିଏର ନେତା ଭାବେ ରାଜନାଥ ସିଂହ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ, ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଏନଡିଏର ସମସ୍ତ ସହଯୋଗୀ ଦଳ ମଧ୍ୟ ସମର୍ଥନ କରିଥିଲେ।

ଏନ୍‌ଡିଏର ନେତା ନିର୍ବାଚିତ ହେବା ପରେ ଶ୍ରୀ ମୋଦୀ ବୈଠକକୁ ସମ୍ବୋଧିତ କରି କହିଛନ୍ତି, ଏନ୍‌ଡିଏ ହେଉଛି ଭାରତ ଆତ୍ମାର ପ୍ରତିବିମ୍ବ। ଦେଶ ଗରିବ ଲୋକଙ୍କ କଲ୍ୟାଣ ପାଇଁ ଏନ୍‌ଡିଏ ବିଗତ ୧୦ ବର୍ଷ ଧରି କାମ କରିଆସୁଛି। ଆଗାମୀ ଦିନରେ ଏନ୍‌ଡିଏ ସରକାର ଦେଶର ବିକାଶ ଲାଗି ଆହୁରି ଅନେକ ପଦକ୍ଷେପ ନେବ। ଦେଶର ବିକାଶ ଗତିରେ ଲୋକମାନଙ୍କୁ ସାମିଲ ହେବା ପାଇଁ ଶ୍ରୀ ମୋଦୀ ଆହ୍ୱାନ ଜଣାଇଛନ୍ତି। ବିରୋଧୀ ଦଳଗୁଡ଼ିକ ସହିତ ମିଶି ରାଷ୍ଟ୍ରହିତ ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି।

ଓଡ଼ିଶା ପ୍ରସଙ୍ଗରେ ଶ୍ରୀ ମୋଦୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି, ଓଡ଼ିଶା ଦେଶର ବିକାଶର ଇଞ୍ଜିନ୍ ପାଲଟିବ। ଶ୍ରୀ ମୋଦୀ କହିଛନ୍ତି ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଧରିତ୍ରୀ ମାଆର ସେବା କରିବା ପାଇଁ ଗଛ ଲଗାଇବାକୁ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

# - V/O -

ସୂଚନା ଅନୁସାରେ, ଶ୍ରୀ ମୋଦୀ ଆସନ୍ତା ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ସନ୍ଧ୍ୟା ୬ଟାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ସଂସଦୀୟ ଦଳ ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରହଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି ।

## ଆର୍‌ବିଆଇ-ରେପୋରେଟ୍

ରିଜର୍ଭ ବ୍ୟାଙ୍କ ଆଜି ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ରେପୋ ରେଟ୍ ପୂର୍ବ ଭଳି ୬ ଦଶମିକ ୫ ପ୍ରତିଶତ ରଖାଯାଇଛି । କ୍ରମାଗତ ଭାବେ ଅଷ୍ଟମଥର ଲାଗି ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଏହାଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶମିକ ୨/୫ ପ୍ରତିଶତ ଏବଂ ଋଣ ସୁବିଧା ଦର ତଥା ବ୍ୟାଙ୍କ ଦର ୧୦ ଦଶମିକ ୭/୫ ପ୍ରତିଶତ ରଖାଯାଇଛି । ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି ଚଳିତଥର ଦୁଇଜଣ ବଦଳରେ ୪ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦେଇଛି ।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ

ବିଜେପିର ବରିଷ୍ଠ ନେତା ତଥା ଏନ୍‌ଡିଏର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ନେତା ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ପରବର୍ତ୍ତୀ ସରକାର ଗଠନ କରିବା ପାଇଁ ଅନୁରୋଧ କରିଛନ୍ତି ।

## ଫାଇଲେରିଆ ନିରାକରଣ

ଢେଙ୍କାନାଳ ଜିଲ୍ଲାରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ସଫଳ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ତରଫରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ରାଜ୍ୟପାଳ-ମହାପ୍ରଭୁଙ୍କ ଦର୍ଶନ

ରାଜ୍ୟପାଳ ରଘୁବର ଦାସ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ପୁରୀ ଜିଲ୍ଲାପାଳ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଦେଇ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ଏହାପରେ ରାଜ୍ୟପାଳ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଦେଶ ଓ ରାଜ୍ୟବାସୀଙ୍କ ପାଇଁ ମଙ୍ଗଳକାମନା କରିଛନ୍ତି ।

ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ରାଜ୍ୟରେ ଜନକଲ୍ୟାଣକାରୀ ଯୋଜନା ଜାରି ରହିଛି, ନୂଆ ସରକାରଙ୍କ ଯୋଜନା ଲାଗୁ ନ ହେବା ପର୍ଯ୍ୟନ୍ତ ଏହିସବୁ ଯୋଜନା ଚାଲୁ ରହିବ । ଓଡ଼ିଶାର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ । ଏହାସହ ଗରିବ, ଶୋଷିତ ଓ ବଞ୍ଚିତଙ୍କ ଜୀବନସ୍ତର ଉଚ୍ଚକୁ ଉଠିବା ଦିଗରେ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

## ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ-ଗସ୍ତ

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ-ଓମ୍‌ବାଡ୍‌ସି’ର ଓଭରସାଇଟ୍ ଅଥରିଟି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଦୁଇଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ଓମ୍‌ବାଡ୍‌ସି ଏବଂ ଡିଏମ୍‌ଏଫ୍ ଆର୍ଥିକ ସହାୟତାରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି। ଜଷ୍ଟିସ୍ ପଟ୍ଟନାୟକ ସୁନ୍ଦରଗଡ଼ ସଦର ବ୍ଲକ୍‌ରେ ବିଭିନ୍ନ ପ୍ରକଳ୍ପ ସ୍ଥଳ ବୁଲି ଦେଖିବା ସହ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଏହାସହ ସହଜବାହାଲସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ରକୁ ମଧ୍ୟ ପରିଦର୍ଶନ କରିଛନ୍ତି। ଏହାପରେ ଜଷ୍ଟିସ୍ ପଟ୍ଟନାୟକ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି।

## ତୀରନ୍ଦାଜ ଚାମ୍ପିଅନ୍‌ସିପ୍

ଆନ୍ଧ୍ରପ୍ରଦେଶର ବିଜୟଓ୍ୱାଡାଠାରେ ଆସନ୍ତା ୨୯ ତାରିଖଠାରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ତୀରନ୍ଦାଜ ଚାମ୍ପିଅନ୍‌ସିପ୍ ପାଇଁ ବୌଦ୍ଧ ଜିଲ୍ଲାରୁ ୫ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ୧୩ ବର୍ଷରୁ କମ୍ ବୟସ ବର୍ଗର ବାଳକ ବିଭାଗରେ ଅମ୍ଳାନ କହଁର ବାଳିକା ବିଭାଗ ସାନ୍‌ଭି ମେହେଟା ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ଏବଂ ୧୫ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଆଦିତ୍ୟ ଅଗ୍ରଓ୍ୱାଲ ଓ ଦୁର୍ଗାଦତ୍ତ ମେହେର ମନୋନୀତ ହୋଇଛନ୍ତି।

## ବାଣ ବିସ୍ଫୋରଣ ମାମଲା

ପୁରୀ ଚନ୍ଦନ ଯାତ୍ରା  ସମୟରେ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଜାରି ରହିଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ଆଜି ପୁରୀ ସର୍କିଟ୍‌ହାଉସ୍‌ଠାରେ ପହଞ୍ଚି ଘଟଣାଦିନ ନିୟୋଜିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସାଧାରଣ ଲୋକଙ୍କଠାରୁ ଏ ସମ୍ବନ୍ଧିତ ଅଭିଯୋଗ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ପୂର୍ବରୁ ବୁଧବାର ଦିନ କେତେକ ଲୋକଙ୍କଠାରୁ ମତାମତ ନେଇଥିଲେ। ଏହି ଘଟଣାରେ ଆଜି ଜଣଙ୍କର ମୃତ୍ୟୁ ସହ ମୋଟ୍ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି ପାଇଛି।

## ନିର୍ବାଚନୀ ହିଂସାରେ ଗିରଫଙ୍କ ସଂଖ୍ୟା ବୃଦ୍ଧି

ଖଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁରରେ ଘଟିଥିବା ନିର୍ବାଚନୀ ହିଂସାର ଏସ୍‌ଆଇଟି ତଦନ୍ତ କରୁଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଆଜି ପୁଲିସ୍ ଗିରଫ କରିବା ପରେ ଘଟଣାରେ  ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି ବୋଲି ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ପ୍ରଶାନ୍ତ ଜଗଦ୍ଦେବ-ଜାମିନ୍

ଶେଷ ପର୍ଯ୍ୟାୟ ନିର୍ବାଚନ ସମୟରେ ବିଶୃଙ୍ଖଳା ଅଭିଯୋଗ ନେଇ ଗିରଫ ହୋଇଥିବା  ପ୍ରଶାନ୍ତ ଜଗଦ୍ଦେବଙ୍କୁ କୋର୍ଟ ୩ ଦିନ ଲାଗି ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଏଡିଜେଏମ୍ ପ୍ରଥମ ଶ୍ରେଣୀ ଅଦାଲତ ତାଙ୍କୁ ଆସନ୍ତା ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଜାମିନ୍ ପ୍ରଦାନ କରିଛନ୍ତି।

## ବଜ୍ରାଘାତ ମୃତ୍ୟୁ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଅପରାହ୍ଣରେ ବଜ୍ରପାତରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । **ଖଡିଆଳ** କିରିକିଟା ଗାଁରେ ବଜ୍ରପାତରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ସେହିପରି **କରଞ୍ଜିଆ**ର କୋଇଲିପାଳ ଗାଁରେ ବଜ୍ରପାତରେ ଗୋଟିଏ ଝିଅର ମୃତ୍ୟୁ ହୋଇଥିବାବେଳେ ବାପା ଗୁରୁତର ଆହତ ହୋଇଛନ୍ତି । **ଖଣ୍ଡପଡା** ଗୌରପାଟଣା ଗାଁରେ ଜଣେ ମହିଳା ଏବଂ କାମାକ୍ଷାନଗର ବାଘୁଆ ଗାଁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେହିଭଳି ୨ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି ।

## ଶିମିଳିପାଳ ବନ୍ଦ

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଆସନ୍ତା ୧୨ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ବନବିଭାଗ ପକ୍ଷରୁ ଆଜି ପ୍ରକାଶ ପାଇଥିବା ସୂଚନା ଅନୁସାରେ ବର୍ଷା ଋତୁ ଆସୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ।

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଯାଇଛି । ନନ୍ଦପଡ଼ାର ବମ୍ବରାଡ ବାବା ବାଲୁଙ୍କେଶ୍ୱର ବାବାଙ୍କର ଦେବ ନିମନ୍ତ୍ରଣ ଆଜି ରାତି ୯ଟା ସମୟରେ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି । ଦେବଦମ୍ପତିଙ୍କ ବାହାଘରରେ ସାମିଲ ହେବା ପାଇଁ ସହରର ପ୍ରମୁଖ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବାକୁ ନୃସିଂହ ଦେବତା ଯିବେ । ଆସନ୍ତାକାଲି

ଲୋକନାଥ ବାବା, ଜାଗେଶ୍ୱର ବାବା, ଶୀତଳେଶ୍ୱର ବାବା ଓଁକାରେଶ୍ୱର ବାବା, ପାହାଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଉ ୩ ରୁ ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*********************************